## ସଂକ୍ଷେପରେ

### ୭ ଜୁଆଡ଼ି ଗିରଫ

**ବ୍ରହ୍ମପୁର ଅଫିସ,୩।୧୦:** ଗୋଷାଣୀନୂଆଗାଁ ପୋଲିସ ବାଉରୀସାହିରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ବୁଧବାର ରାତି ପ୍ରାୟ ୧୨ଟାରେ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୭ ଜୁଆଡ଼ିଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ପୋଲିସ ୫ ହଜାର ୯୫୦ ଟଙ୍କା, ୨ ମୋବାଇଲ ଫୋନ ଓ ଖେଳ ପ୍ରସ୍ତୁତି ସରଞ୍ଜାମ ଜବତ କରିଥିବା କହିଛି। ମାମଲା ନଂ. ୯୮/୧୯ରେ ଜୁଆଡ଼ିଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି।

### ଲକ୍ଷ୍ମୀଦତ୍ତ ହତ୍ୟା ମାମଲା
### ୨ ଜଣଙ୍କ ଜାମିନ ଆବେଦନ, ୨୩ରେ ଶୁଣାଣି

**ଛତ୍ରପୁର,୩।୧୦(ଡି.ଏନ.ଏ.):** ଛତ୍ରପୁର ଏନ୍ଏସିର ତତ୍କାଳୀନ ବିଜେଡି କାଉନ୍ସିଲର ଲକ୍ଷ୍ମୀଦତ୍ତ ପ୍ରଧାନଙ୍କୁ ୨୦୧୭ ସେପ୍ଟେମ୍ବର ୧୬ରେ ତାଙ୍କ ଘର ଆଗରେ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା । ଏହି ମାମଲାରେ ସମ୍ପୃକ୍ତ ଏନ୍.ଈଶ୍ୱର ରେଡ୍ଡୀ ଓ କୁନା ନାୟକଙ୍କ ପକ୍ଷରୁ ଗୁରୁବାର ଜାମିନ୍ ଆବେଦନ ହୋଇଛି । ଅପରପକ୍ଷରେ ଅନ୍ତରୀଣ ଜାମିନ ପାଇଥିବା କୃଷ୍ଣ ଚନ୍ଦ୍ର ନାୟକ ଗୁରୁବାର କୋର୍ଟରେ ଆତ୍ମସମର୍ପଣ କରିଥିଲେ । ପରେ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି । ଏହି ମାମଲାରେ ସମ୍ପୃକ୍ତ ୫ ଜଣଙ୍କ ପକ୍ଷରୁ କୋର୍ଟରେ ଡିସ୍ଚାର୍ଜ ପିଟିଶନ ଦାଖଲ କରାଯାଇଛି । ଏହାଉପରେ ୨୩ ତାରିଖରେ ଶୁଣାଣି ହେବ ବୋଲି ଛତ୍ରପୁର ଏଡିଜେ ଶିଖା ରାଣୀ ରଥ ଧାର୍ଯ୍ୟ କରିଛନ୍ତି ।

ମାମଲାର ଅନ୍ୟତମ ଅଭିଯୁକ୍ତ ସୁଶୀଲ ନାୟକଙ୍କ ଦେହ ଖରାପ ଥିବାରୁ କୋର୍ଟରେ ସେ ହାଜର ହୋଇପାରି ନ ଥିଲେ । ଏନେଇ ତାଙ୍କର ମେଡିକାଲ ସାର୍ଟିଫିକେଟ୍ କୋର୍ଟରେ ଦାଖଲ ହୋଇଥିଲା । ଏହି ମାମଲାରେ ୧୯ ଜଣ ଗିରଫ ହୋଇଥିଲେ। ଏଥିରୁ ୨ ଜଣ ଜାମିନ ପାଇଛନ୍ତି । ସରକାରଙ୍କ ପକ୍ଷରୁ ଓକିଲ ରମେଶ ଚନ୍ଦ୍ର ଚୌଧୁରୀ ଓ ଉମିନାଥ ସାହୁ ମାମଲା ପରିଚାଳନା କରିଥିଲେ ।

### ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା
### ତାକରଡ଼ା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପୁରସ୍କୃତ

**ବୁଗୁଡ଼ା,୩।୧୦(ଡି.ଏନ.ଏ.):** ନିଶାନିବାରଣ ସମ୍ପର୍କିତ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ବୁଗୁଡ଼ା ବ୍ଲକ ତାକରଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସିମରନ ଦାଶ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଛତ୍ରପୁରସ୍ଥିତ ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ସିମରନଙ୍କୁ ଜିଲାପାଳ ବିଜୟ ଅମୃତା କୁଲଙ୍ଗେ ସିଲ୍ଡ ଓ ମାନପତ୍ର ପ୍ରଦାନ କରିଥିଲେ। ଗୁରୁବାର ତାକରଡ଼ା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

■ଅତ୍ୟାଧୁନିକ କମ୍ପ୍ୟୁଟରୀକୃତ ବ୍ରେଲ ମୁଦ୍ରଣ ମେଶିନ ଉଦ୍ଘାଟିତ

# ବ୍ରେଲ୍ ଲିପିରେ ପ୍ରକାଶ ପାଇବ ଯୁକ୍ତ ୨ ପାଠ୍ୟପୁସ୍ତକ

**ବ୍ରହ୍ମପୁର ଅଫିସ,୩।୧୦**

ବ୍ରହ୍ମପୁର ରେଡକ୍ରସ୍ କମ୍ପ୍ୟୁଟରୀକୃତ ବ୍ରେଲ ମୁଦ୍ରଣାଳୟ ପକ୍ଷରୁ ଖୁବଶୀଘ୍ର ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ପାଇଁ ଯୁକ୍ତ ୨ କଳା ପାଠ୍ୟକ୍ରମର ବ୍ରେଲ ଲିପିର ପାଠ୍ୟପୁସ୍ତକ ପ୍ରକାଶ କରାଯିବ। ଏଥିସହ ଦୃଷ୍ଟିବାଧିତଙ୍କ ପାଇଁ ରାମାୟଣ, ମହାଭାରତ, ଭାଗବତକୁ ମଧ୍ୟ ଓଡିଆ ବ୍ରେଲ ଲିପିରେ ପ୍ରକାଶ କରାଯିବ । ଗୁରୁବାର ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା । ବ୍ରହ୍ମପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପାର୍ଶ୍ୱସ୍ଥ ବ୍ରହ୍ମପୁର ବ୍ରେଲ ମୁଦ୍ରଣାଳୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସ୍ଥାପିତ ନୂତନ ଅତ୍ୟାଧୁନିକ



ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଅତ୍ୟାଧୁନିକ କମ୍ପ୍ୟୁଟରୀକୃତ ବ୍ରେଲ ମୁଦ୍ରଣ ମେଶିନ ଉଦ୍ଘାଟନ କରୁଛନ୍ତି ।

କମ୍ପ୍ୟୁଟରୀକୃତ ବ୍ରେଲ ମୁଦ୍ରଣ ମେଶିନର ଉଦ୍ଘାଟନ କରି ମନ୍ତ୍ରୀ ପଣ୍ଡା ଏହା କହିଛନ୍ତି । ଏହି ଅବସରରେ ସେ ଆହୁରି କହିଥିଲେ, ଏହା ଦୃଷ୍ଟିବାଧିତଙ୍କ ପାଇଁ ପୁସ୍ତକ ପ୍ରକାଶନରେ ରାଜ୍ୟର ଏକମାତ୍ର ମୁଦ୍ରଣାଳୟ । ପୂର୍ବରୁ ଏଠାରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ପୁସ୍ତକ ପ୍ରକାଶିତ ହୋଇ ଆସୁଥିବା ବେଳେ ଏଣିକି ଏହି ଅତ୍ୟାଧୁନିକ ମେଶିନ ଦ୍ୱାରା ଯୁକ୍ତ ୨ କଳା ପାଠ୍ୟକ୍ରମ ପୁସ୍ତକ ମଧ୍ୟ ପ୍ରକାଶିତ କରାଯିବ। ଏହି ମେଶିନ ସ୍ଥାପନ ପରେ ଦୃଷ୍ଟିବାଧିତମାନେ

**ଦୃଷ୍ଟିବାଧିତ ପଢ଼ିବେ ପୌରାଣିକ ପୁସ୍ତକ**

ରାମାୟଣ, ମହାଭାରତ ଭଳି ପୌରାଣିକ ଗ୍ରନ୍ଥର ମଧ୍ୟ ବ୍ରେଲ ଲିପିରେ ପ୍ରସ୍ତୁତ ପୁସ୍ତକ ପାଇପାରିବେ ବୋଲି ସୂଚନା ଦିଆଯାଇଥିଲା। ଉଦ୍ଘାଟନୀ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍ପି ଚନ୍ଦ୍ର ଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଦ୍ରଣାଳୟ ମ୍ୟାନେଜର ପ୍ରକାଶ ନାରାୟଣ ରଥଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ୯ ଭିନ୍ନକ୍ଷମଙ୍କୁ ଡିଡିଆର୍ସି ପକ୍ଷରୁ ଉପକରଣ ବଣ୍ଟନ

**ବ୍ରହ୍ମପୁର ଅଫିସ,୩।୧୦**

ବ୍ରହ୍ମପୁର ନିଗର ଚିକିତ୍ସାଳୟ ପାର୍ଶ୍ୱସ୍ଥ ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆର୍ସି)ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଅତିଥି ଭାବେ ଯୋଗଦେଇ ଥିଲେ । ଏହାସହ କେନ୍ଦ୍ରର ଫିଜିଓଥୋରାପି ଗୃହ ପରିଦର୍ଶନ କରି ଚିକିତ୍ସିତ ରୋଗୀଙ୍କ ସହ ଆଲୋଚନା କରିଥିଲେ । କେନ୍ଦ୍ରଟି ଅତି ସଂକୀର୍ଣ୍ଣ ହୋଇଥିବାରୁ ଏହାର ଏକ ଏକ୍ସଟେନ୍ଶନ କୋଠା ନିର୍ମାଣ କରିବା ସହ ଦୁଇଟି ନୂତନ ଫିଜିଓଥେରାପି ପୋଷ୍ଟ ସୃଷ୍ଟି କରିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ୯ ଭିନ୍ନକ୍ଷମଙ୍କୁ ଉପକରଣ ବଣ୍ଟନ କରାଯାଇଥିଲା । ୫ ଦୃଷ୍ଟିବାଧିତଙ୍କୁ ଧଳାବାଡି, ଜଣଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳ ବିଶିଷ୍ଟ ଧଳାବାଡି, ଜଣକୁ କୃତ୍ରିମ ଗୋଡ, ଦୁଇ ଜଣଙ୍କୁ ଶ୍ରବଣ ଯନ୍ତ୍ରଙ୍କୁ ମନ୍ତ୍ରୀ ବଣ୍ଟନ କରିଥିଲେ । ଶୈଶବ ଅବସ୍ଥାରୁ ମାନସିକ ରୋଗରେ ପୀଡିତ ଶିଶୁଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ସେଣ୍ଟର ଖୋଲିବାକୁ ପ୍ରସ୍ତାବ ରହିଛି । ରାଜ୍ୟର ତିନୋଟି ସ୍ଥାନ ମଧ୍ୟରୁ ବ୍ରହ୍ମପୁରରେ ଏହାର ଏକ କେନ୍ଦ୍ର ଖୋଲିବାକୁ ପ୍ରସ୍ତାବ ରହିଥିବା ସେ ସୂଚାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏମ୍ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ, ଡିଡିଆର୍ସିର ନୋଡାଲ ଅଫିସର ଡା. କମଳାକାନ୍ତ ପାଣିଗ୍ରାହୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଭ୍ରାଂଶୁ ମହାରଣା ଓ ଡିଡିଆରସିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଜିଲାସ୍ତରୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସ କାର୍ଯ୍ୟକ୍ରମ



ପ୍ରତିଯୋଗିତାରେ ଭାଗନେଇ ଥିବା ପ୍ରତିଯୋଗୀ।

**ବ୍ରହ୍ମପୁର ଅଫିସ,୩।୧୦**

ସ୍ଥାନୀୟ ଭିଭିଗିରି ବାଳିକା ଉଚ୍ଚ ବିଦ୍ୟାଳୟରେ ଗଞ୍ଜାମ ଜିଲାସ୍ତରୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଡ.ସନାତନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଡ. ପ୍ରଭାତୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ । ବିଚାରକ ଭାବେ ମହାମାୟୀ ମହିଳା ମହାବିଦ୍ୟାଳୟର ଡ. ରୀତା ଚୌଧୁରୀ, ଡ. ସନ୍ତୋଷ କୁମାର ଚୌଧୁରୀ ଯୋଗ ଦେଇଥିଲେ । ଜିଲାର ୨୨ ବ୍ଲକରୁ ମନୋନୀତ ପ୍ରତିଯୋଗୀମାନେ 'ମାନବ କଲ୍ୟାଣ ନିମନ୍ତେ ପର୍ଯ୍ୟାୟ ସାରଣୀ ରସାୟନିକ ଉପାଦାନର ଭୂମିକା' ଶୀର୍ଷକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ପନଗ ଭୂଷଣ ମାଝି ଏହାକୁ ସଂଯୋଜନା କରିଥିବା ବେଳେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ । ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ନେଇ ସୂଚନା ମିଳିଛି ।

# ଅଟୋ ସହ ୨୦ ବସ୍ତା ଗଞ୍ଜେଇ, ଭାଙ୍ଗ ଜବତ

**ସୋରଡ଼ା,୩।୧୦(ଡି.ଏନ୍.ଏ.)**

ବଡ଼ଗଡ଼ ଥାନା ଗାଙ୍ଗପୁର ଗ୍ରାମରୁ ଅବକାରୀ ବିଭାଗ ଚଢ଼ାଉ କରି ଏକ ଅଟୋରେ ଲୋଡ ହୋଇଥିବା ୨୦ ବସ୍ତା (୬କୁଇଣ୍ଟାଲ) ଗଞ୍ଜେଇ ଓ ଭାଙ୍ଗ ଜବତ କରିଛି। ବିଭାଗୀୟ ଅତିରିକ୍ତ ଅଧୀକ୍ଷକ ଅଭିରାମ ବେହେରାଙ୍କ ସୂଚନା ଅନୁଯାୟୀ, ବଡ଼ଗଡ଼ ବନବିଭାଗ କର୍ମଚାରୀ ଗାଙ୍ଗପୁର ଗ୍ରାମ ମଧ୍ୟରେ ଗୋଟିଏ ଅଟୋରେ ଗଞ୍ଜେଇ ବସ୍ତା ଲୋଡ ହୋଇଥିବା ଦେଖି ବଡ଼ଗଡ଼ ଥାନାଧିକାରୀଙ୍କୁ ଜଣାଇଥିଲେ। ବଡ଼ଗଡ଼ ଥାନା ତରଫରୁ ଅବକାରୀ ବିଭାଗକୁ ଖବର ଦିଆଯାଇଥିଲା। ବିଭାଗୀୟ ଭାରପ୍ରାପ୍ତ ଅଧିକାରୀ ମୋହନ ପ୍ରଧାନ, ଭ୍ରାମ୍ୟମାଣ ଅଧିକାରୀ ଗଙ୍ଗା ପାଇକରାୟ, ଏସ୍ଆଇ ଦୁର୍ଯ୍ୟୋଧନ ଦିଗାଲଙ୍କ ସମେତ ଏକ ସ୍କ୍ୱାଡ୍ ସେଠାରେ ଚଢ଼ାଉ କରିଥିଲେ। ଗାଡ଼ି (ନଂ. ଓଡି ୨୫ଏଫ୍୫୬୦୦)ରୁ ଗଞ୍ଜେଇ ଜବତ କରିଥିବା ବେଳେ ଏଥିରେ ଚାଳକ ନ ଥିଲେ।

# ସଦର ଥାନା ପୋଲିସର ୫-ଟିକୁ ଗୁରୁତ୍ୱ

**କୁକୁଡାଖଣ୍ଡି,୩।୧୦(ଡି.ଏନ.ଏ.)**

ସଦର ଥାନାରେ ଆମ ପୋଲିସ ସମିତି ବୈଠକ ନୂତନ ଥାନା ଅଧିକାରୀ ସନ୍ତୋଷିନୀ ଓରାମଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଏସ୍ଆଇ ସୁରେଶ ସାହୁ, ଏସ୍ଆଇ ବିଭୂତି ସେଠୀ, ବିନୀତ ଶତପଥୀ, ପ୍ରଫୁଲ୍ଲ ଶତପଥୀ, ଝୁନୁବାଳା ସାସମଲ, ବାସନ୍ତୀ ବେହେରା ମଞ୍ଚାସୀନ ଥିଲେ। ଥାନା ଅଧିକାରୀ ବୈଠକରେ ରାଜ୍ୟ ସରକାରଙ୍କ ୫-ଟିକୁ ଗୁରୁତ୍ୱ ଦେବା ସହ ଘଟୁଥିବା ବିଭିନ୍ନ ପ୍ରକାର ଅପରାଧ ଓ ଠକେଇ ଉପରେ ଲୋକଙ୍କୁ ବୁଝାଇଥିଲେ। ଏଟିଏମ୍ କାର୍ଡ ଯୋଗେ ଲୋକଙ୍କ ପିନ୍ ନମ୍ବର ମାଗି ଟଙ୍କା ଲୁଟି ନେଉଛନ୍ତି। ପ୍ରତ୍ୟେକ ଗ୍ରାମର ପରିମଳ ବ୍ୟବସ୍ଥାକୁ ସ୍ୱଚ୍ଛ ରଖିବା, ପୋଲିସ ସହ ବନ୍ଧୁତାକରି ସମସ୍ତ କାର୍ଯ୍ୟରେ ସହଯୋଗ କରିବାକୁ ଉପସ୍ଥିତ ବ୍ୟକ୍ତିଙ୍କୁ ଅନୁରୋଧ କରିଛନ୍ତି। ପ୍ରତ୍ୟେକ ଗ୍ରାମରେ ରୋଡରୋମିଓମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଝିଅ ବୋହୂମାନେ ରାସ୍ତାରେ ଗଲେ କମେଣ୍ଟ ମାରୁଛନ୍ତି। ଲୋକଙ୍କ ମନରେ ରୋଡରୋମିଓଙ୍କ ପାଇଁ କୋକୁଆ ଭୟ ସୃଷ୍ଟି ହେଉଛି। ଏହା ଯେପରି ସମ୍ପୂର୍ଣ୍ଣ ମାତ୍ରାରେ ଲୋପ ଘଟିବ ସେ ଦିଗରେ ଦୃଷ୍ଟି ଦେବା ସହ ରାସ୍ତାରେ ବୁଲା ଗୋରୁଙ୍କ ଦ୍ୱାରା ଦୁର୍ଘଟଣା ଘଟୁଛି। ସମ୍ପୂର୍ଣ୍ଣ ଭାବେ ବୁଲା ଗୋରୁଙ୍କୁ ହଟାଇବା ଉପରେ ଗୁରୁତ୍ୱ ଦେବାକୁ ଉପସ୍ଥିତ ବ୍ୟକ୍ତିମାନେ ମତପ୍ରକାଶ କରିଥିଲେ। କାମାକ୍ଷା ପ୍ରସାଦ ପାତ୍ର, ସନ୍ତୋଷ ଚୌଧୁରୀ, ବସନ୍ତ ସାହୁ, ନରସିଂହ ସାହୁ, ରବୀନ୍ଦ୍ର ମହାରଣା, ମିନତି ବେହେରା ପ୍ରମୁଖ ଥିଲେ।

# ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

**ଆସିକା,୩।୧୦(ଡି.ଏନ୍.ଏ.)**

ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ଗୁରୁବାର ବିଜେଡି ପକ୍ଷରୁ କବିସୂର୍ଯ୍ୟନଗର ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ବ୍ଲକର ଷଣ୍ଢମରା, ସୁନ୍ଦରିଆପଡା, ସାନ ଚଢିଆପଡା, ବାଲିଆସରା, ବୋଲସର ଏବଂ ଅପରାହ୍ନରେ ଏସ୍. ନୂଆଗାଁ, ସୁନାରୀଝୋଲା, ପଙ୍କଲବାଡି, ବେଲପୁର, ଭେଟସିଙ୍ଗି ଆଦି ଗ୍ରାମାଞ୍ଚଳରେ ଏହି ପଦଯାତ୍ରା ହୋଇଥିଲା। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ସାଧାରଣରେ ସଚେତନତା ସୃଷ୍ଟି ସହ ସଭ୍ୟ ପଞ୍ଜୀକରଣ ଅଭିଯାନକୁ ଜୋରଦାର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ହରେକୃଷ୍ଣ ମଳିକ, ସନ୍ତୋଷ କୁମାର ପାଢୀ, ସମିତା ସ୍ୱାଇଁ, ନଚିକେତା ସ୍ୱାଇଁ, ଦିଲିପ୍ ପାଣିଗ୍ରାହୀ, ଶିବ ନାହାକ, ରାଜେଶ ପଟ୍ଟନାୟକଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ।




ଜନସମ୍ପର୍କ ପଦଯାତ୍ରାରେ ଉପସ୍ଥିତ ନେତା ଓ କର୍ମୀ।

**ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀଙ୍କ ସମୀକ୍ଷା**

# ମଧୁବାବୁ ପେନ୍ସନ ଯୋଜନାର ସଫଳ ରୂପାୟନକୁ ଗୁରୁତ୍ୱ

**ବ୍ରହ୍ମପୁର ଅଫିସ,୩।୧୦**

ଜିଲାସ୍ତରୀୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆର୍ଡିସି)ଙ୍କ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଜିଲାରେ ଭିନ୍ନକ୍ଷମଙ୍କ ସଶକ୍ତୀକରଣ ଦିଗରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ ।
ଜିଲାରେ ବର୍ତ୍ତମାନ ସୁଦ୍ଧା ୩୧ ଭିନ୍ନକ୍ଷମ ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରାଯାଇଥିବା ବେଳେ ସେମାନଙ୍କୁ ୧୯ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଭିନ୍ନକ୍ଷମ ପୁରୁଷ ଓ ମହିଳାଙ୍କୁ ବିବାହ କରିଥିବା ପୁରୁଷ ଓ ମହିଳାଙ୍କୁ ମଧ୍ୟ ସହାୟତା ପ୍ରଦାନ କରାଯାଇଥିବା କୁହାଯାଇଥିଲା। ମଧୁବାବୁ ପେନସନ ଯୋଜନାରେ ଜିଲାରେ ୩୮ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ରହିଛନ୍ତି। ତୁରନ୍ତ ମଧୁବାବୁ ପେନସନ ଯୋଜନାର ହିତାଧିକାରୀଙ୍କ ଚିହ୍ନଟ ପ୍ରକ୍ରିୟା ଶେଷ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଭଳି ବ୍ରହ୍ମପୁରରେ ମଧ୍ୟ କୃତ୍ରିମ ଅଙ୍ଗ ସ୍ଥାପନର ସୁବିଧା ଉପଲବ୍ଧ ଦିଗରେ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ସୂଚାଇଥିଲେ ।
ବାଳାଶ୍ରମରେ ୪୫ ଏକର ଜମି ମଧ୍ୟରେ ଏକ ବୃଦ୍ଧାଶ୍ରମ ନିର୍ମାଣ କରାଯିବାକୁ ଗୋପାଳପୁର ବିଧାୟକ ଡ. ପ୍ରଦୀପ ପାଣିଗ୍ରାହୀ ପ୍ରସ୍ତାବ ଦେଇଥିଲେ । ବୈଠକରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ଆସିକା ଏମ୍ପି ପ୍ରମିଳା ବିଷୋୟୀ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଜିଲାପରିଷଦ ଅଧ୍ୟକ୍ଷା ସୋନମ ପଲେଇ, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ମଞ୍ଚାସୀନ ଥିଲେ । ଭଞ୍ଜନଗର ଉପଜିଲାପାଳ ରଜେନ୍ଦ୍ର ମିଞ୍ଜ, ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଡିଏସ୍ଏସ୍ଓ ସୁଭ୍ରାଂଶୁ କୁମାର ମହାରଣାଙ୍କ ସମେତ ବିଭିନ୍ନ ବ୍ଲକ, ବିଏମ୍ସିର ଅଧିକାରୀ ଉପସ୍ଥିତ ଥିଲେ ।

# ଜମି ବିବାଦ ତୁଟିଲା, କାର୍ଯ୍ୟକ୍ଷମ ହେଲା ଅଙ୍ଗନୱାଡି କୋଠା

**ଖଲ୍ଲିକୋଟ,୩।୧୦(ଡି.ଏନ.ଏ.)**

ଜମି ବିବାଦ ଯୋଗୁ ଖଲ୍ଲିକୋଟ ବ୍ଲକ କହ୍ନେଇପୁର ପଞ୍ଚାୟତ କନ୍ଦିଗାଁରେ ପ୍ରାୟ ବର୍ଷେ ହେଲା ନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ର-୧ କୋଠା କାର୍ଯ୍ୟକ୍ଷମ ହୋଇପାରୁ ନ ଥିଲା। ପ୍ରଶାସନ ଓ ପୋଲିସ ହସ୍ତକ୍ଷେପ ପରେ ଗୁରୁବାର ଉକ୍ତ ଜମି ବିବାଦ ତୁଟିଛି। ନୂତନ ଅଙ୍ଗନୱାଡି କୋଠା କାର୍ଯ୍ୟକ୍ଷମ ହୋଇଛି।

ପ୍ରକାଶ ଯେ, ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ନିଜ ଜମିରେ ଅଙ୍ଗନୱାଡ଼ି କୋଠା ନିର୍ମାଣ ହୋଇଥିବା ଦାବି କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାତ୍ର ଗ୍ରାମବାସୀ ତାହା ସରକାରୀ ଜମି ବୋଲି ଦାବି କରିଥିଲେ। ଏହି ବିବାଦ ଲାଗି ରହିଥିବାରୁ ପାଖ ସ୍କୁଲର ଏକ ବିପଦସଂକୁଳ ଗୃହରେ ଅଙ୍ଗନୱାଡ଼ି କେନ୍ଦ୍ର ଚାଲିଥିଲା। ତେଣୁ ଅଧିକାଂଶ ଅଭିଭାବକ ସେମାନଙ୍କ ପିଲାଙ୍କୁ ଛାଡୁ ନ ଥିଲେ। ଗ୍ରାମ ସଭାପତି ତଥା ସମିତିସଭ୍ୟ ରବୀନ୍ଦ୍ର ନାଏକ ଏହି ସମସ୍ୟା ବ୍ଲକ ପ୍ରଶାସନ ନିକଟରେ ରଖିଥିଲେ। ପରେ ସମସ୍ତ ଗ୍ରାମବାସୀଙ୍କ ଉଦ୍ୟମ ଫଳରେ ଗୁରୁବାର ତହସିଲଦାର ଚିତ୍ତରଞ୍ଜନ ମହାନ୍ତ ଅଙ୍ଗନୱାଡି କେନ୍ଦ୍ରଟି ସରକାରୀ ଜାଗାରେ ନିର୍ମାଣ ହୋଇଥିବା ଦର୍ଶାଇଥିଲେ। ବିଡିଓ ନବକୃଷ୍ଣ ଜେନା, ଖଲ୍ଲିକୋଟ ଆଇଆଇସି ସତ୍ୟରଞ୍ଜନ ପ୍ରଧାନଙ୍କ ଉପସ୍ଥିତିରେ ଅଙ୍ଗନୱାଡ଼ି କୋଠାକୁ ସିଡିପିଓ ମମତା ରାଣୀ ପାତ୍ର ଶୁଭାରମ୍ଭ କରିଥିଲେ। କହ୍ନେଇପୁର ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ପ୍ରଫୁଲ ଚନ୍ଦ୍ର ସ୍ୱାଇଁ, କନ୍ଦିଗାଁ ଅଙ୍ଗନୱାଡ଼ି କେନ୍ଦ୍ର-୧ କର୍ମୀ ପ୍ରଭାତୀ ସାହୁ, ଗ୍ରାମ ସଭାପତି, ସମ୍ପାଦକ କୈଳାସ ଚନ୍ଦ୍ର ପାଳ ପ୍ରମୁଖ ଉପସ୍ଥିତ ଥିଲେ।



ଅଙ୍ଗନୱାଡ଼ି କେନ୍ଦ୍ରକୁ ଶୁଭାରମ୍ଭ କରାଯାଉଛି।

■ପ୍ରତିଶ୍ରୁତି ପୂରିବାକୁ ଯାଉଛି ୪ ମାସ

# ସୋସାଇଟି ସମ୍ପାଦକଙ୍କୁ ବ୍ୟାଙ୍କରେ ମିଳୁନି ନିଯୁକ୍ତି

**ବ୍ରହ୍ମପୁର ଅଫିସ,୩।୧୦**

ପ୍ରତିଶ୍ରୁତି ପୂରିବାକୁ ଯାଉଛି ୪ ମାସ । ତଥାପି ବିସିସି (ବ୍ରହ୍ମପୁର ସମବାୟ କେନ୍ଦ୍ର) ବ୍ୟାଙ୍କରେ ସୋସାଇଟି ସମ୍ପାଦକଙ୍କୁ ମିଳୁନି ନିଯୁକ୍ତି। ସୂଚନାଯୋଗ୍ୟ, ଏହି ବ୍ୟାଙ୍କ ଅଧୀନ ଗଞ୍ଜାମ ଓ ଗଜପତି ଜିଲାରେ ୨୫୫ ପ୍ରାଥମିକ ସେବା ସମବାୟ ସମିତି (ସୋସାଇଟି) ରହିଛି। ଦୀର୍ଘବର୍ଷରୁ କାର୍ଯ୍ୟରତ ସମ୍ପାଦକମାନଙ୍କୁ ବ୍ୟାଙ୍କ କର୍ମଚାରୀ କରିବା ପାଇଁ ବସିସି ବ୍ୟାଙ୍କ ସମ୍ପାଦକ ସଂଘ ଦାବି କରୁଛି । ଏହା ପୂରଣ ଲାଗି ବହୁବାର ଆନ୍ଦୋଳନ ମଧ୍ୟ ହୋଇଛି। ଜୁଲାଇ ୭ରେ ବ୍ୟାଙ୍କ ବ୍ରହ୍ମପୁର ମୁଖ୍ୟାଳୟ ଆଗରେ ଗଣଧାରଣା ଦିଆଯାଇଥିଲା। ଆନ୍ଦୋଳନ ତୀବ୍ର ହେବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ସଂଘ କର୍ମକର୍ତ୍ତାଙ୍କ ମଧ୍ୟରେ ଦ୍ୱି-ପାକ୍ଷିକ ଆଲୋଚନା କରାଯାଇଥିଲା । ଦାବି ପୂରଣ ନିମନ୍ତେ ପ୍ରତିଶ୍ରୁତି ମିଳିବାରୁ ଆନ୍ଦୋଳନ ସ୍ଥଗିତ ରହିଛି ।

ସମ୍ପାଦକ ସଂଘର ଦାବି ଗ୍ରହଣ କରି ରାଜ୍ୟ ସମବାୟ ନିବନ୍ଧକ ୨୦୧୮ ଜୁଲାଇ ୫ରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ବ୍ୟାଙ୍କରେ ଖାଲି ପଡ଼ିଥିବା ପଦବୀ ମଧ୍ୟରୁ ୩୦% ବ୍ୟାଙ୍କିଙ୍ଗ୍ ଆସିଷ୍ଟାଣ୍ଟ ଭାବେ ସୋସାଇଟି ସମ୍ପାଦକଙ୍କୁ ନିଯୁକ୍ତି ଦେବାକୁ ସେଥିରେ ଦର୍ଶାଇଥିଲେ। ଏହାର ବର୍ଷେ ବିତିବା ପରେ ବି ପଦକ୍ଷେପ ନିଆଯାଇ ନ ଥିବାରୁ ୨୦୧୯ ଜୁଲାଇ ୭ରେ ପୁଣି ଆନ୍ଦୋଳନ କରାଗଲା। ସେହି ମାସ ୧୯ରେ ବ୍ୟାଙ୍କ ପରିଚାଳନା ବୋର୍ଡ ବୈଠକ ଅନୁଷ୍ଠିତ ହୋଇ ସମ୍ପାଦକମାନଙ୍କ ବରିଷ୍ଠତା ଓ ଶିକ୍ଷାଗତ ଯୋଗ୍ୟତାକୁ ଭିତ୍ତିକରି ନିଯୁକ୍ତି ଦିଆଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହି ପ୍ରକାରେ ଏକ ଚୟନ କମିଟି ଗଠନ କରାଯାଇଛି। ବ୍ରହ୍ମପୁର ଡିଭିଜନ ସମବାୟ ଉପନିବନ୍ଧକ କମିଟି ଅଧ୍ୟକ୍ଷ ଥିବା ବେଳେ ବ୍ୟାଙ୍କ ପରିସରଭୁକ୍ତ ବ୍ରହ୍ମପୁର, ଛତ୍ରପୁର ଓ ପାରଳାଖେମୁଣ୍ଡି ସହକାରୀ ସମବାୟ ନିବନ୍ଧକ ସଦସ୍ୟ ଅଛନ୍ତି । ବିସିସି ବ୍ୟାଙ୍କ ସମ୍ପାଦକ ଚୟନ କମିଟି ଆବାହକ ତଥା ସଦସ୍ୟ ସମ୍ପାଦକ ହୋଇଛନ୍ତି।

**■ବିସିସି ବ୍ୟାଙ୍କରେ କର୍ମଚାରୀ ମରୁଡ଼ି**
**■ମଞ୍ଜୁର ୨୭୩ରୁ ଖାଲି ପଡ଼ିଛି ୧୪୫ ପଦ**

ବିସିସି ବ୍ୟାଙ୍କ ପକ୍ଷରୁ ମିଳିଥିବା ସୂଚନାନୁସାରେ, ପରିଚାଳନା ବୋର୍ଡ ନିଷ୍ପତ୍ତି ପ୍ରକାରେ ସୋସାଇଟି ସମ୍ପାଦକଙ୍କ ଗ୍ରେଡେସନ ତାଲିକା ପ୍ରସ୍ତୁତ କରି କମିଟି ଅଧ୍ୟକ୍ଷ ତଥା ଉପନିବନ୍ଧକଙ୍କୁ ୩ ମାସ ତଳେ ପଠାଇ ଦିଆଯାଇଛି । ଅନୁଧ୍ୟାନ ପରେ ଉପ ନିବନ୍ଧକଙ୍କ ଅନୁମୋଦନ ପାଇଁ ରାଜ୍ୟ ସମବାୟ ନିବନ୍ଧକଙ୍କ ନିକଟକୁ ପଠାଇଛନ୍ତି। ଅନୁମୋଦନ ମିଳିବା ପରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ବ୍ୟାଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅପରପକ୍ଷରେ ପ୍ରତିଶ୍ରୁତିର ୪ ମାସ ବିତିବାକୁ ଯାଉଥିବା ବେଳେ ନିଯୁକ୍ତି ବିଳମ୍ବ ହେଉଥିବାରୁ ବ୍ୟାଙ୍କ ସମ୍ପାଦକ ସଂଘ ଅସନ୍ତୋଷ ପ୍ରକାଶ କରିଛି।

ସୂଚନାଯୋଗ୍ୟ, ଶତାଧିକ ବର୍ଷର ଏହି ବିସିସି ବ୍ୟାଙ୍କ ବ୍ରହ୍ମପୁର ମୁଖ୍ୟାଳୟ ସମେତ ଗଞ୍ଜାମ ଓ ଗଜପତି ଜିଲାରେ ୨୩ ଶାଖା ବ୍ୟାଙ୍କ ରହିଛି। ସବୁବର୍ଷ କୋଟି କୋଟି ଟଙ୍କା ଚାଷୀଙ୍କୁ କୃଷି ଋଣ ଦିଆଯାଉଛି । ଆଦାୟକୁ ମଧ୍ୟ କଡ଼ାକଡ଼ି କରାଯାଉଛି। ମଞ୍ଜୁରୀପ୍ରାପ୍ତ ବିଭିନ୍ନ ବର୍ଗର ୨୭୩ କର୍ମଚାରୀ ଆବଶ୍ୟକସ୍ଥଳେ ଏବେ ୧୨୮ ଜଣ ଅଛନ୍ତି। ଏହି ବୃହତ୍ତମ ସମବାୟ ବ୍ୟାଙ୍କରେ ୧୪୫ ପଦ ଖାଲି ପଡ଼ିଥିବାରୁ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ନିଯୁକ୍ତି କ୍ଷେତ୍ରରେ ସରକାରୀ କଟକଣା ରହିଛି। ତେଣୁ ପଦବୀପୂରଣ ହୋଇପାରୁ ନ ଥିବା ବ୍ୟାଙ୍କ କର୍ତ୍ତୃପକ୍ଷ ତଥା ପରିଚାଳନା ବୋର୍ଡ ପକ୍ଷରୁ ସଫେଇ ଦିଆଯାଇଛି। ଅତ୍ୟାବଶ୍ୟକ କ୍ଷେତ୍ରରେ କେତେକ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଠିକା ଭିତ୍ତିରେ ନିୟୋଜିତ କରାଯାଇଥିବା କୁହାଯାଇଛି । ବ୍ୟାଙ୍କରେ କର୍ମଚାରୀ ମରୁଡ଼ି ଲାଗି ରହିଥିବା ବେଳେ ସୋସାଇଟି ସମ୍ପାଦକଙ୍କୁ ବ୍ୟାଙ୍କିଙ୍ଗ୍ ଆସିଷ୍ଟାଣ୍ଟ ଭାବେ ନିଯୁକ୍ତି ପ୍ରକ୍ରିୟା ବିଳମ୍ବ ହେଉଥିବା ଉଦ୍‌ବେଗର କାରଣ ହୋଇଛି।

ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ୪ ଅକ୍ଟୋବର, ୨୦୧୯



**ସଂକ୍ଷେପରେ**

## ବିଭିନ୍ନ ସ୍ଥାନରେ ନବରାତ୍ର ପୂଜା



**ହାତୀଓଟ/ପୋଲସରା,୩।୧୦:** ପୋଲସରା ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ଠାରୁ ମା’ ଦୁର୍ଗାଙ୍କ ନବରାତ୍ର ପୂଜା ଆରମ୍ଭ ହୋଇଯାଇଛି। ସେଥିମଧ୍ୟରୁ ପୋଲସରା ଏନଏସି ଦକ୍ଷିଣ କାଳୀ ମନ୍ଦିର, ଏନ. ଗୋପିନାଥପୁର ଶାସନ, ମା’ ରତନେଇ ଠାକୁରାଣୀ, ରାଣିପଡ଼ା କନକ ଦୁର୍ଗା, ମଧୁସୂଦନପୁର, କୃଷ୍ଣଦାଶପୁର, ଶ୍ରଦ୍ଧାପୁର, ପ୍ରାଣଦେଇପୁର, ଜେମାଦେଇପୁର, ମୁକ୍ତାମାଳଦେଇପୁର, ଚଣ୍ଡୀ ରାମଚନ୍ଦ୍ରପୁର ଶାସନ ସହ ମା’ ସିଂହାସନୀ ପୀଠ ଓ ମା’ ଭରାଣ୍ଡିଙ୍କ ଷୋଡ଼ଶ ଉପଚାର ଓ ପୂଜା ପାଠ ଚାଲୁ ରହିଛି। ମା’ଙ୍କୁ ଆବାହନ ସହ ନିଷ୍ଠାର ସହ ଗ୍ରାମ୍ୟ ପରିଭ୍ରମଣ କରାଯାଇଥାଏ। ଏହି ସମୟରେ ସମସ୍ତ ଘରର ଦୁଆରରେ ପୂଜାଥାଳି ରଖି ପୂଜାର୍ଚ୍ଚନା ହୋଇଥାଏ। ଦଶହରା ରାତି ପର୍ଯ୍ୟନ୍ତ ଏହା ଚାଲିଥାଏ।

## ବଚସାକୁ ନେଇ ଆକ୍ରମଣ, ଜଣେ ଗିରଫ

**ଦାରିଙ୍ଗବାଡ଼ି,୩।୧୦(ଡି.ଏନ୍.ଏ):** ଦାରିଙ୍ଗବାଡ଼ି ଥାନା ଦାସିଂବାଡିରେ ବଚସାକୁ ନେଇ ଜଣେ ବ୍ୟକ୍ତି ୨ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ଗଜପତି ଜିଲା ପାଣିଗଣ୍ଡାରେ ରହୁଥିବା କଳାକାର ରାଉତ ସିଂ। ଆହତମାନେ ହେଲେ ପିଙ୍କୁ ବଳିଆରସିଂ ଏବଂ କାସିଆନ ନାୟକ। କାସିଆନଙ୍କ ବେକର ପଛ ପାଖକୁ ଧାରୁଆ ଅସ୍ତ୍ରରେ କଟାଯାଇଥିବାବେଳେ ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ପିଙ୍କୁ ଆହତ ହୋଇଛନ୍ତି। ପୋଲିସ ନଂ.୯୭/୧୯ରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ଏକ ଅଟୋରେ କାଜୁରିପାଙ୍ଗା ଛକରୁ ଏହି ୩ ଜଣଙ୍କ ସମେତ ଅନ୍ୟଯାତ୍ରୀ ଯାଉଥିଲେ। ଅଟୋରେ ଥିବାଜଣେ ମହିଳାଯାତ୍ରୀଙ୍କୁ ଅଭିଯୁକ୍ତ କଳାକାର କୁଆଡ଼େ ଅସଦାଚରଣ କରିଥିଲେ। ଏହାକୁ ପିଙ୍କୁ ଏବଂ କାସିଆନ ପ୍ରତିବାଦ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ କଳାକାର ଦୁହିଁଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ କଳାକାରଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ ଯେ, କଳାକାରଙ୍କ ଘର ମଧ ଦାସିଂବାଡି। ସେ ଦୀର୍ଘବର୍ଷ ହେଲା ପାଣିଗଣ୍ଡା ଅଞ୍ଚଳରେ ରହୁଛନ୍ତି।

## ଗୁଣିଗାରେଡ଼ି ଘଟଣା: ଗିରଫ ହେଲେ ଆଉ ୫ ଜଣ

**ଖଲ୍ଲିକୋଟ,୩।୧୦(ଡି.ଏନ.ଏ.):** ଖଲ୍ଲିକୋଟ ବ୍ଲକ ଗୋପପୁର ଗ୍ରାମ ଦଳିତ ସାହିରେ ଗୁଣି ଗାରେଡି ଘଟଣାରେ ଖଲ୍ଲିକୋଟ ପୋଲିସ ଗୁରୁବାର ଆଉ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଲ ଦାସ, ନିରଞ୍ଜନ ଦାସ, ନିର୍ମଳ ଦାସ, ତ୍ରିନାଥ ଦାସ ଓ ଉତ୍ସବ ଦାସ। ପୂର୍ବରୁ ୨୯ ଜଣଙ୍କୁ ଗିରଫ କରାଯାଇଛି। ଗୋପପୁର ଦଳିତସାହି ପୁରୁଷ ଶୂନ୍ୟ ରହିଛି। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

# ଭୂତକୋଠି ପାଲଟିଛି ଆଦିବାସୀ ବାଳକ ଶିକ୍ଷାଶୌଧ

**ଚନ୍ଦ୍ରଗିରି,୩।୧୦(ଡି.ଏନ.ଏ.)**

- କାମ ସମ୍ପୂର୍ଣ୍ଣ ହୋଇ ବିତିଲାଣି ୩ ବର୍ଷ
- ଜମୁଛି ଅସାମାଜିକଙ୍କ ଆଡ୍ଡା



କୋଠରି ଭିତରେ ଉଇହୁଙ୍କା।

ଗଜପତି ଜିଲା ମୋହନା ବ୍ଲକ ଚନ୍ଦ୍ରଗିରି ସୌରା ଉନ୍ନୟନ ସଂସ୍ଥା ଜରିଆରେ ଧାଡିଆମ୍ବ ପଞ୍ଚାୟତର ପଲାବନ୍ଧା ଗାଁରେ ୨୦୧୩-୧୪ ଆର୍ଥିକ ବର୍ଷରେ ଆଦିବାସୀ ଛାତ୍ରଙ୍କ ଶିକ୍ଷାର ବିକାଶ ଲକ୍ଷ୍ୟରେ ନିର୍ମାଣ ହୋଇଥିଲା ୨ଶହ ଆସନ ବିଶିଷ୍ଟ ବାଳକ ଶିକ୍ଷା ଶୌଧ। ପଲାବନ୍ଧା ଗ୍ରାମର ମୋଟ ୮ ଏକର ଜମିରେ ଏହା ନିର୍ମାଣ କରାଯାଇଥିଲା। ଅଞ୍ଚଳର ଆଦିବାସୀମାନେ ନିଜ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନେଇ ସ୍ୱପ୍ନ ଦେଖିଥିଲେ। ହେଲେ ବିଡମ୍ବନାର ବିଷୟ ନିର୍ମାଣର ୩ବର୍ଷ ପରେ ମଧ ପ୍ରଶାସନର ଦାୟିତ୍ୱହୀନତା ଯୋଗୁ ଏହା କାର୍ଯ୍ୟକ୍ଷମ ହୋଇ ନ ପାରି ଭୂତକୋଠି ପାଲଟିଛି। କେଉଁଠି କାନ୍ଥ ଫାଟି ଆଁ କଲାଣି ତ ଆଉ କେଉଁଠି ଘର ଭିତରେ ଉଇହୁଙ୍କା ହୋଇଗଲାଣି। ବିଦ୍ୟୁତ, ପାନୀୟ ଜଳ ଯୋଗାଣ ପାଇଁ ଲଗାଯାଇଥିବା ସରଞ୍ଜାମ ଚୋରୀ ହେବାସହ ପାଚେରି ମଧ ଭାଙ୍ଗିଗଲାଣି। ଏବେ ଏହା ଅସାମାଜିକଙ୍କ ଆଡ୍ଡାସ୍ଥଳୀ ଓ ଗୋରୁଙ୍କ ଚରାଭୂଇଁ ପାଲଟିଛି। ଏହାକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଧାଡିଆମ୍ବ ନାଏବ ସରପଞ୍ଚ ପୂର୍ଣ୍ଣିମା ଗମାଙ୍ଗ, ସମ୍ବରା ରଇତ, ହେମାବତୀ ଗମାଙ୍ଗ, ସୁକାନ୍ତ ଦଳାଇ ପ୍ରମୁଖ ବିଭାଗୀୟ ଅଧୀକାରୀ ଓ ଜିଲାପାଳଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନଥିବା ଅଭିଯୋଗ କରିଛନ୍ତି।

ଏନେଇ ଚନ୍ଦ୍ରଗିରି ସୌରା ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ପଦାଧିକାରୀ ଦମିନିକ ଟପ୍ପୋଙ୍କୁ ପଚାରିବାରୁ କୋଠା ଭଲ ଅଛି, ସମସ୍ୟା ନେଇ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି, ନିର୍ଦ୍ଦେଶ ମିଳିଲେ ଶିକ୍ଷକ ନିଯୁକ୍ତ କରାଯାଇ ପାଠପଢା ଆରମ୍ଭ ହେବ। ଅପରପକ୍ଷେ ବିଲ୍ଡିଂ କାମ ସରିଥିବା ସରକାରଙ୍କୁ ଜଣାଇ ଦିଆଯାଇଛି, ନିର୍ଦ୍ଦେଶ ଆସିଲେ ଏହାକୁ କାର୍ଯ୍ୟକ୍ଷମ କରାଯିବ ଏବଂ ରକ୍ଷଣାବେକ୍ଷଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ଗଜପତି ଜିଲାପାଳ ଅନୁପମ ସାହା।

## ଜମିଜମା ଗଣ୍ଡଗୋଳ, ୩ ଗିରଫ

**ବୁଗୁଡ଼ା,୩।୧୦(ଡି.ଏନ.ଏ.)**

ବୁଗୁଡ଼ା ଥାନା କୁଆନଳାରେ ହୋଇଥିବା ଜମିଜମାକୁ ନେଇ ଗଣ୍ଡଗୋଳ ମାମଲାରେ ବୁଗୁଡ଼ା ପୋଲିସ ଗୁରୁବାର ଗୋଟିଏ ପରିବାରର ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କୁଆନଳା ଗ୍ରାମର ସନ୍ନ୍ୟାସୀ ଗୌଡ଼, ସ୍ତ୍ରୀ ବାସନ୍ତୀ ଗୌଡ଼ ଓ ପୁଅ ରଞ୍ଜନ ଗୌଡ଼। ଏନେଇ ବୁଗୁଡ଼ା ଥାନାରେ ନଂ.୨୧୧/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ପ୍ରକାଶ ଯେ କୁଆନଳା ଗ୍ରାମର ସୁଦେଷ୍ଣା ଦଳେଇ ନାମକ ଜଣେ ମହିଳା ଏକ ଜମିକୁ ଅକ୍ତିଆର କରି ରଖିଥିଲେ। ପରେ ସନ୍ନ୍ୟାସୀ ସେହି ଜମିକୁ କ୍ରୟ କରିଛନ୍ତି ବୋଲି କହି ଜମି ଛାଡ଼ିବାକୁ ମଙ୍ଗଳବାର କହିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ସହ ଗାଳିଗୁଲଜ ହୋଇଥିଲା। ଶେଷରେ ସନ୍ନ୍ୟାସୀଙ୍କ ପରିବାର ଲୋକେ ମିଶି ସୁଦେଷ୍ଣାଙ୍କୁ ମାରପିଟ କରିଥିଲେ। ଏନେଇ ସୁଦେଷ୍ଣା ଥାନାରେ ଅଭିଯୋଗ କରିଥିଲେ।

# ବିଚାରପତିଙ୍କ ହସ୍ତକ୍ଷେପ ପରେ ବିଜୁଳି ପହଞ୍ଚିଲା



ଗ୍ରାମବାସୀଙ୍କ ଗହଣରେ ବିଚାରପତି ଓ ମୋହନା ଥାନା ଅଧିକାରୀ।

**ଚନ୍ଦ୍ରଗିରି,୩।୧୦(ଡି.ଏନ.ଏ.)**

ଗଜପତି ଜିଲା ମୋହନା ବ୍ଲକର ପାହାଡ ପର୍ବତ ଘେରା ଦୁର୍ଗମ ଅଞ୍ଚଳ ବାଘମାରି ପଞ୍ଚାୟତର କମଳପଦର ଗାଁ। ୪୦ ବର୍ଷ ଧରି ଏଠାରେ ବସବାସ କରୁଛନ୍ତି ୫୦ ଆଦିବାସୀ କନ୍ଧ ପରିବାର। ଗାଁକୁ ବିଦ୍ୟୁତ୍ ସଂଯୋଗ ନଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ବିଭାଗୀୟ ଅଧିକାରୀଙ୍କ ଠାରୁ ନେତା, ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ କୌଣସି ସୁଫଳ ମିଳିଲା ନାହିଁ। ଶେଷରେ ବାଧ ହୋଇ ସ୍ଥାନୀୟ ସରପଞ୍ଚ ବୃନ୍ଦାବତୀ ଶବରଙ୍କ ସହ ଗ୍ରାମବାସୀ ମୋହନା ତାଲୁକ ଆଇନ ସେବା ପ୍ରାଧିକରଣ ପ୍ରକୋଷ୍ଠରେ ମାନ୍ୟବର ମୋହନା ଜେଏମ୍ଏଫ୍ସି ବିଚାରପତିଙ୍କୁ ଅଭିଯୋଗ ଜଣାଇଥିଲେ। ଅଭିଯୋଗ ଗ୍ରହଣ କରି ବିଚାରପତି ବିଦ୍ୟୁତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ବିଦ୍ୟୁତ ସଂଯୋଗ ପାଇଁ। ମାସେ ହେଲା କାମ ଆରମ୍ଭ ହୋଇଥିଲା। ବୁଧବାର ମାନ୍ୟବର ବିଚାରପତି ମନୋଜ କୁମାର ମହାନ୍ତି ଗାଁରେ ପହଞ୍ଚି ଏହାର ଉଦ୍‌ଘାଟନ କରିବା ସହ ବିଭିନ୍ନ ଆଇନ ନେଇ ସଚେତନ କରାଇଥିଲେ। ବାଘମାରି ସରପଞ୍ଚ ଶବର, ଥମାସ ମାଝି, ଶିଶିଲିମା ମାଝି ପ୍ରମୁଖଙ୍କ ସମେତ ଅଞ୍ଚଳବାସୀ ବିଚାରପତିଙ୍କ କୃତଜ୍ଞତା ଜଣାଇଛନ୍ତି। ମୋହନା ଥାନାଧିକାରୀ ସୁଜିତ କୁମାର ନାୟକ, ବରିଷ୍ଠ ଆଇନଜୀବୀ ସୁଦର୍ଶନ ସାହୁ, ସନ୍ତୋଷ କୁମାର ପାଢ଼ି, ଜେଏମ୍ଏଫସି କୋର୍ଟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଉପଜିଲାପାଳଙ୍କ ମନ୍ଦ୍ରିଡ଼ି ପଞ୍ଚାୟତ ଗସ୍ତ

**ଗୋପାଳପୁର,୩।୧୦**

**ଉନ୍ନୟନମୂଳକ କାର୍ଯ୍ୟ, ଆୟବ୍ୟୟ ସମୀକ୍ଷା କଲେ**

ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ଗୁରୁବାର ମଧ୍ୟାହ୍ନରେ ମନ୍ଦ୍ରିଡ଼ି ପଞ୍ଚାୟତର ଅଭିଯୋଗ ଥିବା ଉନ୍ନୟନମୂଳକ କାର୍ଯ୍ୟ ଓ ପଞ୍ଚାୟତର ଆୟବ୍ୟୟ ଉପରେ ସମୀକ୍ଷା କରିଥିବା ଜଣାପଡ଼ିଛି। ଗତ ଜୁଲାଇରେ ଲଗାଣ ବର୍ଷା ଫଳରେ ବନ୍ଧ ନିକଟରେ ହେଉଥିବା ମାର୍କେଟ କମ୍ପ୍ଲେକ୍ସ ଭୁଶୁଡି ପଡିଥିଲା। ନିମ୍ନମାନର କାମ ହୋଇଥିବା ଅଭିଯୋଗ ହୋଇଥିଲା। ଉପଜିଲାପାଳ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତଦନ୍ତ କରିବା ସହ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ପଚାରି ବୁଝିଥିଲେ। ଉକ୍ତ ସ୍ଥାନରେ କିଭଳି ମାର୍କେଟ କମ୍ପ୍ଲେକ୍ସ କରାଗଲା ବୋଲି ପ୍ରଶ୍ନ ପଚାରିଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ବଡ଼ବନ୍ଧ ନିଲାମ ପ୍ରକ୍ରିୟା ଠିକ୍‌ରେ ହୋଇଛି କି ନାହିଁ, ଗତ ୨ବର୍ଷ ହେଲା ବନ୍ଧଟି କାହିଁକି ନିଲାମ ହୋଇନାହିଁ ସେନେଇ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପଚାରିଥିଲେ। ଏଥିସହିତ ଚତୁର୍ଦ୍ଦଶ କେନ୍ଦ୍ରୀୟ ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନର ବ୍ୟୟ ସମ୍ପର୍କରେ ଯାଞ୍ଚ କରିଥିଲେ। ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିବା ସହ କାଗଜ ପତ୍ର ଯାଞ୍ଚ କରି ଠିକ୍ ନଥିବା ଦେଖିବାକୁ ପାଇଥିଲେ। ଫଳରେ ନିର୍ବାହୀ ଅଧିକାରୀଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। କାଗଜପତ୍ର ଠିକ୍ ରଖିବା ସହ କାମରେ ସ୍ୱଚ୍ଛତା ବଜାର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ, ସହକାରୀ ଯନ୍ତ୍ରୀ ଗିରିଧାରୀ ବେହେରା, ଗ୍ରାମପଞ୍ଚାୟତ ଅଧିକାରୀ ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ଅନ୍ୟ ଅଧିକାରୀ ଓ ସରପଞ୍ଚ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ କବାଡ଼ି ପ୍ରତିଯୋଗିତା

**ଦିଗପହଣ୍ଡି,୩।୧୦(ଡି.ଏନ.ଏ.)**

ଦିଗପହଣ୍ଡି ସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲ ଖେଳ ପଡ଼ିଆରେ ମଙ୍ଗଳବାର ବ୍ଲକସ୍ତରୀୟ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଇଓ ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଉଦ୍‌ଘାଟନ କରିଥିଲେ। ବିଆର୍‌ସିସି ବାଳା ମାଝୀ, ଏବିଇଓ ରସାନନ୍ଦ ଘଡ଼େଇ, ବିଶ୍ୱବା ପାଇକ, ସିଆର୍‌ସିସି ଉପେନ୍ଦ୍ର କୁମାର ପଣ୍ଡା, ନରସିଂହ ପ୍ରସାଦ ପାଠୀ, ବାବୁଲାଲ ନାୟକ, ବାସୁଦେବ ବେହେରା, ଶିକ୍ଷକ ସଂଘ ଜିଲା ସମ୍ପାଦକ ରାଜେନ୍ଦ୍ର ଗୌଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦିଗପହଣ୍ଡି ବ୍ଲକର ୨୮ ଉଚ୍ଚବିଦ୍ୟାଳୟରୁ ୯୮ ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ୧୫ ପ୍ରତିଯୋଗୀଙ୍କୁ ଗୁରୁବାର ରଙ୍ଗେଇଲୁଣ୍ଡା ବ୍ଲକ କନିଷିରେ ଆୟୋଜିତ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିଲା।

## ଛାତ୍ରୀଙ୍କୁ ଅସଦାଚରଣ, ଯବାନ ଅଟକ

**ଫୁଲବାଣୀ ଅଫିସ, ୩।୧୦**

କନ୍ଧମାଳ ଜିଲାରେ କାର୍ଯ୍ୟରତ ଜଣେ ଆଇଆରବି ଯବାନ ରାସ୍ତାରେ ଛାତ୍ରୀ, ଯୁବତୀ, ମହିଳାମାନଙ୍କୁ ହଇରାଣ କରିବା ସହ ଅଶ୍ଳୀଳ ଇଙ୍ଗିତ, ଅସଦାଚାରଣ କରୁଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାରେ ସମ୍ପୃକ୍ତ ଯବାନଙ୍କୁ ଅଟକ ରଖି ପଚରା ଉଚରା କରୁଛି। ମିଳିଥିବା ସୂଚନା ଅନୁସାରେ, ସମ୍ପୃକ୍ତ ଯବାନ ଜଣକ କଳାହାଣ୍ଡି ଜିଲା ୯ମ ରିଜର୍ଭ ବାଟାଲିୟନରେ କାର୍ଯ୍ୟରତ। ତାଙ୍କ ଘର ବାଲେଶ୍ୱର ଜିଲାରେ। ସେ ଫୁଲବାଣୀ ରିଜର୍ଭ ପୋଲିସରେ କାର୍ଯ୍ୟରତ ଅଛନ୍ତି। ଆଜକୁ ୨୦ ଦିନ ହେବ ଲୁହୁରୀପାଲି, ଆଲାମୀ, ସାଇନପଦର ଗ୍ରାମକୁ ଯିବା ରାସ୍ତାରେ ବିଶେଷ କରି କଲେଜ ଛାତ୍ରୀ, ଯୁବତୀ ଏବଂ ମହିଳାମାନଙ୍କୁ ଏଭଳି ଭାବେ ହଇରାଣ କରକତ କରି ଆସୁଛନ୍ତି। ଗୁରୁବାର ମଧ ଅନୁରୂପ କାଣ୍ଡ କଲାବେଳେ ଝିଅମାନେ ପାଟି କରିଥିଲେ। ପାଟି ଶୁଣି ଆଖପାଖ ଲୋକେ ଘଟଣା ସ୍ଥଳରେ ପହଞ୍ଚିବା ସହ ଯବାନଙ୍କୁ କାବୁ କରିଥିଲେ। ଏହାପରେ ସେମାନେ ତାଙ୍କୁ ଥାନାରେ ଜିମା ଦେଇଥିଲେ। ବିଭିନ୍ନ ଗ୍ରାମର ୧୨ ଜଣ ଯୁବତୀ ତାଙ୍କ ବିରୋଧରେ ଦସ୍ତଖତ ସମ୍ବଳିତ ଏତଲା ଦେଇଛନ୍ତି। ଏ ନେଇ ଥାନାଧିକାରୀ ଆଦିତ୍ୟ କୁମାର ସେଠୀଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି। ସମ୍ପୃକ୍ତ ଯବାନଙ୍କୁ ଅଟକ ରଖାଯାଇଛି ବୋଲି ପ୍ରକାଶ କରିଛନ୍ତି।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ

**ଆସିକା,୩।୧୦(ଡି.ଏନ୍.ଏ.)**

ଆସିକା ବ୍ଲକ ଅନ୍ତର୍ଗତ କାଳଷଣ୍ଢପୁର ଗ୍ରାମରେ ନିର୍ମିତ ବିଭିନ୍ନ ପ୍ରକଳ୍ପକୁ ସ୍ଥାନୀୟ ଏମ୍‌ପି ପ୍ରମିଳା ବିଷୋଇ ଓ ବିଧାୟିକା ମଞ୍ଜୁଳା ସ୍ୱାଇଁ ଉଦଘାଟନ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ହରେକୃଷ୍ଣ ମଳିକ, ଏମପି ପ୍ରତିନିଧି ନୀଳମଣି ପଟ୍ଟନାୟକ, ଆସିକା ବିଡିଓ ସତ୍ୟସୁନ୍ଦର ରାଉତ, ସରପଞ୍ଚ ଧନମାଳୀ ସିୟ, ବରିଷ୍ଠ ବିଜେଡି ନେତା ନଚିକେତା ସ୍ୱାଇଁଙ୍କ ସମେତ ପଞ୍ଚାୟତର ବହୁ ସଦସ୍ୟ ଉପସ୍ଥିତ ଥିଲେ । ଗ୍ରାମର ବରିଷ୍ଠ ନାଗରିକ ଚିତ୍ତବିନୋଦନ କେନ୍ଦ୍ର, ୫ଟି ବଜାର ଗୃହ, ସୂଚନାକେନ୍ଦ୍ର ଓ ପାଠାଗାର, ଶିଶୁ ଉଦ୍ୟାନ, ପ୍ରାଥମିକ ବିଦ୍ୟାଳୟ ରୋଷେଇ ଘର, ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଓ ପଞ୍ଚାୟତ ଅଫିସ ଗୃହ ଆଦି ଉଦ୍‌ଘାଟିତ ହୋଇଛି।

# ଅତିରିକ୍ତ ଜିଲାପାଳଙ୍କ ଆୟ ବ୍ୟୟ ସମୀକ୍ଷା

**ଶେରଗଡ,୩।୧୦(ଡି.ଏନ୍.ଏ.)**

ଶେରଗଡ ତହସିଲକୁ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ପରିଦର୍ଶନରେ ଆସି ଗୁରୁବାର ୯ଟି ରାଜସ୍ୱ ସର୍କଲର ଆୟବ୍ୟୟ ସମୀକ୍ଷା କରିଛନ୍ତି। ଅପରାହ୍ନରେ ରାଜସ୍ୱ ନିରୀକ୍ଷକଙ୍କ ସହ କଥା ହୋଇ ଜମିଜମାର ରେକର୍ଡ, ଖଜଣା ଆଦାୟର ନକଲ, ଆୟର ହିସାବ ଦେଖିଥିଲେ। ପ୍ରତ୍ୟେକ ରେଜିଷ୍ଟରରେ ନିଜ ମନ୍ତବ୍ୟ ଲେଖି ବିଭିନ୍ନ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ପ୍ରମାଣପତ୍ରକୁ ଠିକ ସମୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୁରୁଣା ଜମିଜମା କେସକୁ ତୁରନ୍ତ ଫଇସଲା କରିବାକୁ ଉପଜିଲାପାଳ କହିଥିଲେ। ସମୀକ୍ଷା ସମୟରେ ତହସିଲଦାର ଡ. ଦୟାସିନ୍ଧୁ ପରିଡା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ ଓ ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟର କିଛି କର୍ମଚାରୀଙ୍କ ସମେତ ୯ ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ ଉପସ୍ଥିତ ଥିଲେ।



ଉପଜିଲାପାଳ କାଗଜପାତ୍ର ଯାଞ୍ଚ କରୁଛନ୍ତି।

# ବନ୍ୟପ୍ରାଣୀ ସପ୍ତାହ ପାଳିତ

**ଆସିକା,୩।୧୦(ଡି.ଏନ୍.ଏ.)**

ଚାରିମଇଲିସ୍ଥିତ ବନାଞ୍ଚଳ କାର୍ଯ୍ୟାଳୟରେ ବୁଧବାର ୬୫ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଘୁମୁଷର ଦକ୍ଷିଣ ବନଖଣ୍ଡ ଅଧିକାରୀ ସତ୍ୟନାରାୟଣ ବେହୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ବନସଂରକ୍ଷକ ଶଙ୍କର୍ଷଣ ବେହେରା, ବିଭୂତି ଭୂଷଣ ବେହେରା, ନିଳେନ୍ଦ୍ର ନାରାୟଣ ସିଂ ଦଳପତି, କୃଷ୍ଣସାର ସୁରକ୍ଷା ସମିତିର ସଭାପତି ଅମୂଲ୍ୟ ଉପାଧ୍ୟାୟ, ମୟୁର ସୁରକ୍ଷା ସମିତିର ସଭାପତି ସମୀର ପ୍ରଧାନ, ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଅନୁପମ ବାନାର୍ଜୀ ପ୍ରମୁଖ ଯୋଗଦେଇଥିଲେ। ସାଂପ୍ରତିକ ପରିସ୍ଥିତିରେ ପରିବେଶର ସୁରକ୍ଷା ଓ ସନ୍ତୁଳନ ନିମନ୍ତେ ଚାରାରୋପଣ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ଜନସାଧାରଣ ଯତ୍ନବାନ ହେବା ଜରୁରୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବନ୍ୟପ୍ରାଣୀ ଶିକାର ଲାଗି ଥିବା ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ମଧ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଆସିକା ବନାଞ୍ଚଳ ଅଧିକାରୀ ହରିହର ମଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୋରଡା, ବଡଗଡ, ପୋଲସରା, ବୁଗୁଡା ବନାଞ୍ଚଳ ଅଧିକାରୀ, ବନସଂରକ୍ଷଣ ସମିତି, କୃଷ୍ଣସାର ସୁରକ୍ଷା ସମିତି ଓ ମୟୁର ସୁରକ୍ଷା ସମିତିର ସଦସ୍ୟମାନେ ସାମିଲ ଥିଲେ ।



ବନ୍ୟପ୍ରାଣୀ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସିନ ଅତିଥି।

# ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ଫୁଲବାଣୀ ଅଫିସ, ୩।୧୦**

କନ୍ଧମାଳ ଜିଲା ପୋଲିସ ପକ୍ଷରୁ ଗୁରୁବାର ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ମାଦିକୁନ୍ଦା ଛକରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମାଦିକୁନ୍ଦା ସମେତ ସହରର ପ୍ରମୁଖ କୋର୍ଟ ଛକ ଏବଂ ଏଜେଓ ହାଇସ୍କୁଲ ସମ୍ମୁଖରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏସ୍‌ପି ପ୍ରତୀକ ସିଂ, ବିଭିନ୍ନ ଥାନାଧିକାରୀ, ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଶହୀଦ ଯବାନମାନଙ୍କୁ ବ୍ୟାଣ୍ଡବାଜା ଦ୍ୱାରା ସାଲୁଟ ଜଣାଇଥିଲେ। ଏହାପରେ ସର୍ବସାଧାରଣ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ୨୦୧୨ ଜାନୁୟାରୀ ୫ ତାରିଖରେ ମାଓବାଦୀଙ୍କ ଗତିବିଧି ଥିବା ଖବର ପାଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଉଥିଲା। ଦୁଇଟି ବୋଲେରୋରେ ଯବାନମାନେ ଯାଉଥିଲେ। ରାମପୁର ଘାଟି ପାଖରେ ମାଓବାଦୀମାନେ ବିଛାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ଫଳରେ ଗୋଟିଏ ଗାଡିରେ ଥିବା ସୁନାଶୀର ମହାନ୍ତି, ସଂଗ୍ରାମ କୁମାର ଲେଙ୍କା ଓ ଉମାକାନ୍ତ ଜାନୀଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଯବାନମାନେ ଗୁରୁତର ହୋଇଥିଲେ। ସେହିପରି ଆଉ ଏକ ଘଟଣାରେ ମାଓବାଦୀଙ୍କ ଦ୍ୱାରା ନାରେଙ୍ଗା ମଲ୍ଲିକ ମଧ ଶହୀଦ ହୋଇଥିଲେ।



ଏସ୍‌ପିଙ୍କ ସମେତ ଅନ୍ୟମାନେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରୁଛନ୍ତି।

# ରମ୍ଭାରେ ସ୍ଥାପନ ହେବ ଗାନ୍ଧୀଙ୍କ ଦୀର୍ଘତମ ପ୍ରତିମୂର୍ତ୍ତି

**ଗଞ୍ଜାମ,୩।୧୦(ଡି.ଏନ.ଏ.)**

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ରମ୍ଭା ଚିଲିକା କୂଳରେ ଗାନ୍ଧୀଙ୍କ ଦୀର୍ଘତମ ପ୍ରତିମୂର୍ତ୍ତି ସ୍ଥାପନ ହେବ। ଗୁରୁବାର ରମ୍ଭାସ୍ଥିତ ଲେକ୍ କୁଇନ୍ ଲଜ୍‌ଠାରେ ସାମ୍ବାଦିକ ସମ୍ମିଳନୀ କରି ଅଞ୍ଚଳବାସୀ ସୂଚନା ଦେଇଛନ୍ତି। ଏନେଇ ଓଡ଼ିଶା ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ତରଫରୁ ଲୋକସେବା ଭବନଠାରେ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ସୂଚନା ଲୋକ ସମ୍ପର୍କ ବିଭାଗ ସଚିବ ଡ. ସଞ୍ଜୟ ସିଂ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଓଡ଼ିଶା ଗାନ୍ଧୀ ସ୍ମୃତି ଫାଉଣ୍ଡେସନର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଦଶହରା ପରେ ବିଭାଗୀୟ ଅଧିକାରୀମାନେ ରମ୍ଭାସ୍ଥିତ ଚିଲିକା କୂଳ ପରିଦର୍ଶନ କରି ସ୍ଥାନ ଚିହ୍ନଟ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଏଥିସହିତ ଗୋପାଳପୁରଠାରୁ ଚିଲିକା ପର୍ଯ୍ୟନ୍ତ ହୁମ୍ମା, ବଟେଶ୍ୱର ଓ ଝାଡ଼େଶ୍ୱର, ଚିଲିକା, ସିଦ୍ଧଗୁମ୍ଫା, ଗଞ୍ଜାମର ଐତିହାସିକ ପୋତାଗଡ଼, ଛତ୍ରପୁର, ହୁମ୍ମର, ତାମ୍ପରା ଆଦିକୁ ନେଇ ଏକ ଗାନ୍ଧୀ ଇକୋ ପର୍ଯ୍ୟଟନ ବେଢ଼ା ସ୍ଥାପନ ପାଇଁ କୃଷି ବିପଣନ ବିଭାଗ ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା ପ୍ରସ୍ତାବ ଦେଇଥିଲେ। ଲୋକସେବା ଭବନଠାରେ ହୋଇଥିବା ଆଲୋଚନା ବୈଠକରେ ରମ୍ଭା ଅଞ୍ଚଳର ବରିଷ୍ଠ ସାମାଜିକ କର୍ମୀ ତଥା ପୂର୍ବତନ ରମ୍ଭା ଏନଏସି ନଗରପାଳ ସୁବାସ ଚନ୍ଦ୍ର ପଣ୍ଡା, ପୂର୍ବତନ ଉପନଗରପାଳ ଗଦାଧର ପରିଡ଼ା, ଅବସରପ୍ରାପ୍ତ କେନ୍ଦ୍ରୀୟ ଶ୍ରମ କମିଶନର ତ୍ରିନାଥ ବେହେରା, ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ପ୍ରତିନିଧି ଦଳ।

